
ଶନିବାର, ୪ ମେ, ୨୦୨୪

# ପିଲାଙ୍କ ଧରିତ୍ରୀ






# ନ୍ୟାୟ ବିଚାର

ସହରର ଆର ପାଖରେ ଭଦ୍ରପୁର ଗାଁ, ଯେଉଁଠି ଲୋକେ ପରସ୍ପର ଭାଇ ବନ୍ଧୁଭଳି ଚଳନ୍ତି। ନିଜ ସ୍ୱାର୍ଥକୁ ପଛରେ ପକାଇ ସବୁବେଳେ ଅନ୍ୟମାନଙ୍କ ପାଇଁ ଚିନ୍ତା କରନ୍ତି। ଲୋକଙ୍କ ମଧ୍ୟରେ ଥିବା ଭଲ ପାଇବା ଓ ପରୋପକାର ଗୁଣ ପାଇଁ ଗାଁକୁ ନେଇ ସବୁଆଡେ ଚର୍ଚ୍ଚା ହୁଏ। ସେହି ଗାଁର ମୁଖିଆ ଧନୀ ମହାପାତ୍ର ସବୁବେଳେ ନ୍ୟାୟବିଚାର କରନ୍ତି। ସେଥିପାଇଁ ଗାଁ ଲୋକେ ତାଙ୍କୁ ଭଗବାନ ଭଳି ପୂଜା କରନ୍ତି।

ଥରେ ଧନୀ ମହାପାତ୍ରଙ୍କ ପୁଅ ସହ ଆଉ କେତେଜଣଙ୍କ ବଚସା ହେଲା। ସଭିଏଁ ଜାଣନ୍ତି ମୁଖିଆଙ୍କ ପୁଅ ଟିକେ ଦୁଷ୍ଟ। ଶେଷରେ କଥା ମୁଖିଆଙ୍କ ପାଖକୁ ଗଲା। ଗାଁ ବରଗଛ ମୂଳରେ ପଞ୍ଚାୟତ ବସିଲା। ଉଭୟ ପକ୍ଷଙ୍କ କଥା ଶୁଣି ବିଚାରପତି ଏହି ନିଷ୍ପତ୍ତି ନେଲେ ଯେ ‘‘ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖିଆଙ୍କ ପୁଅ ଗାଁ ସାରା ବୁଲି ବୁଲି ଭୁଲ୍ ମାଗିବେ। ସେତିକି ନୁହେଁ ନିଜ ପୁତ୍ରକୁ ଭଲ ବାଟରେ ନେବାରେ ସମର୍ଥ ହୋଇ ନ ଥିବାରୁ ତାଙ୍କ ପିତା ମଧ ଗାଁ ସାରା ତାଙ୍କ ସହିତ ବୁଲି ବୁଲି ଭୁଲ୍ ମାଗିବେ।’’

ମୁଖିଆଙ୍କ ବିଚାର ସଭାରେ ଥିବା ସବୁ ଲୋକଙ୍କୁ ସ୍ତବ୍ଧ କରି ଦେଲା। ସଭାରେ ମୁଖ୍ୟ ବିଚାରପତି ନିଜେ ହିଁ ମୁଖିଆ ଥିଲେ। ସମସ୍ତଙ୍କ ଭାବନାଠାରୁ ଭିନ୍ନ ଥିଲା ବିଚାର। ଗାଁସାରା ଲୋକେ ମୁଖିଆଙ୍କୁ ନେଇ ଗର୍ବ କରୁଥିଲେ। ଲୋକଙ୍କ କଥା ଶୁଣି ମୁଖିଆ କହିଲେ, ‘ମୁଁ ଆଜି ଯାହାବି ନିଷ୍ପତ୍ତି ନେଇଛି ଜଣେ ବିଚାରକ ଭାବରେ। ପିତା ହିସାବରେ ବିଚାର କଲେ ପୁଅ ପ୍ରତି ନରମ ହେବାକୁ ପଡ଼ିବ। ଛୋଟ ଛୋଟ ଭୁଲ୍‌କୁ ଯଦି ଆମେ ନ ସୁଧାରିବା ଦିନେ ବଡ଼ ଅସୁବିଧା ସୃଷ୍ଟି ହେବ। ଭୁଲ୍‌କୁ ପ୍ରଶ୍ରୟ ଦେବା ଜଣେ ବିଚାରକର ଧର୍ମ ନୁହେଁ। ପୁଅକୁ ପାଳନ କରିବାରେ ମୋର କିଛି ଦୋଷ ଥିବାରୁ ମୁଁ ବି ଦଣ୍ଡ ପାଇବାର ଯୋଗ୍ୟ।

**– ଅର୍ଜୁନ ଦାସ**
ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧୫୧

## ଖିଲି ଖିଲି ହସ

ବାପା ଦୁଇପୁଅଙ୍କ ସହ ଟିଭି ଦେଖୁଥିଲେ। ସେ ବଡ଼ ପୁଅକୁ କହିଲେ, ପୁଅ ମୋ ପାଇଁ ଟିକେ ପାଣି ଆଣି ଦେ।
ବଡ଼ପୁଅ: ଆଣିବିନି।
ଏହାଶୁଣି ସାନପୁଅ କହିଲା ବାପା, ଏ ତ ବହୁତ ଖରାପ କଥା। ହଉ ଛାଡ଼ନ୍ତୁ ଆପଣ ଯାଇ ପାଣି ପିଇଦିଅନ୍ତୁ। ଆଉ ପାଣି ପିଇସାରିଲା ପରେ ମୋ ପାଇଁ ବି ଗୋଟେ ଗ୍ଲାସ ପାଣି ଆଣିବେ।

(ଚୋର–ପୋଲିସ୍ ମଧ୍ୟରେ କଥାବାର୍ତ୍ତା)
ପୋଲିସ୍: ତୁମେ ତୃତୀୟଥର ପାଇଁ ପୁଣି ଆସିଲ, ତୁମକୁ ଲାଜ ଲାଗୁନି ?
ଚୋର: ମୋତେ କାହିଁ ଲାଜ ଲାଗିବ ? ଆପଣ ତ ସବୁଦିନ ଥାନାକୁ ଆସୁଛନ୍ତି !

ଦିନେ ମଣ୍ଟୁ ବ୍ୟାଙ୍କ ଲୋନ୍ ଆଣିବାକୁ ଗଲା। ସେଠାରେ ବ୍ୟାଙ୍କ ମ୍ୟାନେଜର ପଚାରିଲେ– ତୁମର ଏଠାରେ ଖାତା ଅଛି କି ?
ମଣ୍ଟୁ: ସାର୍, ମୋର ତ ଖାତା ନାହିଁ ହେଲେ ମୋ ପୁଅର ଖାତା ଘରେ ଅଛି। କହିବେ ଯଦି କାଲି ଆପଣଙ୍କୁ ଦେଇଦେବି।

## ମତାମତ

▶▶ ‘ସ୍ୱାଭିମାନୀ ମଧୁବାବୁ’ ଗଳ୍ପଟି ପିଲାଙ୍କ ଲାଗି ଶିକ୍ଷଣୀୟ ହୋଇପାରିଛି ।

**– ବିଶାଳ ନାୟକ, କେନ୍ଦୁଝର**

▶▶ ଜଣା ଅଜଣା ପୃଷ୍ଠାରେ ‘ଅଗ୍ନି କ୍ଷେପଣାସ୍ତ୍ର’ ପାଠରୁ କେତୋଟି ନୂଆ କଥା ଜାଣିହେଲା।


**– କିଶୋର ମହାରଣା, ନୟାଗଡ଼**

▶▶ ଦାୟିତ୍ୱବୋଧ ପାଠଟି ପିଲାଙ୍କ ଲାଗି ଉପାଦେୟ ହୋଇଛି।

**– ନୀହାର ରଞ୍ଜନ ମଲ୍ଲିକ୍, କୋରାପୁଟ**

## ତୁମ ପଢ଼ିବା ପାଇଁ

**ମୋ ଆଶା:** ତ୍ରୈମାସିକ ଶିଶୁ କିଶୋର ପତ୍ରିକା ‘ମୋ ଆଶା’ରେ ସହିଷ୍ଣୁତାର ସୁଫଳ, ଖରାଦିନିଆ ଫଳ, ସୁବିଧାବାଦୀ ବନ୍ଧୁ, ଜନ୍ମଦିନ, ବାଘମାମୁଙ୍କ ଜଙ୍ଗଲ, ନିକିତି ତଉଲ ସାନବଡ଼କୁ ପରି ରହିଛି କେତୋଟି ଗଳ୍ପ ଓ କବିତା। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୨୦ଟଙ୍କା। ଯୋଗାଯୋଗ: ମୋ ଆଶା ଲିଟିଲ୍ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡ଼ା, ପୁରୀ।




## ଆମ୍ବ ପତ୍ର

ଆମ୍ବ ଗଛର ପତ୍ରକୁ ବି ଖାଇହେବ। ତେବେ ଏହାକୁ ଔଷଧ ଭଳି ଉପଯୁକ୍ତ ମାତ୍ରାରେ ଖାଇଲେ ବହୁ ଉପକାର ମିଳିଥାଏ।

➲ ଆମ୍ବଗଛର କଅଁଳିଆ ପତ୍ରକୁ ସିଧାସଳଖ ଖାଇହେବ। ଏହି ପତ୍ରକୁ କେତେକ ସମ୍ପ୍ରଦାୟରେ ରାନ୍ଧିକରି ମଧ ଖାଆନ୍ତି। ତେବେ ଆୟୁର୍ବେଦରେ ଆମ୍ବପତ୍ରକୁ ବିଭିନ୍ନ ପ୍ରକାର ଔଷଧରେ ବ୍ୟବହାର ନିମନ୍ତେ ପରାମର୍ଶ ଦିଆଯାଏ।

➲ ଆମ୍ବପତ୍ରରେ ଭିଟାମିନ୍ ଏ, ବି ଓ ସି ରହିଛି। ଏହା ମଧ ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର। ତେଣୁ ଏହାକୁ ଔଷଧ ଭଳି କିଛି ମାତ୍ରାରେ ଖାଇହେବ।

➲ ଆମ୍ବପତ୍ର ଖାଇବା ଦ୍ୱାରା ରକ୍ତଚାପ ମଧ ନିୟନ୍ତ୍ରିତ ହୋଇଥାଏ।

➲ ଏଥିରେ ପଲିଫେନୋଲ ଏବଂ ଟର୍ପେନଏଡ୍ ଭଳି ଆଣ୍ଟି ଅକ୍ସିଡାଣ୍ଟ ରହିଛି। ଶରୀରରେ କ୍ୟାନ୍‌ସର ସୃଷ୍ଟି ହେବାର ମୂଳ କାରଣକୁ ଦୂର କରିବାରେ ଅନେକାଂଶରେ ସକ୍ଷମ ହୋଇପାରେ ଆମ୍ବପତ୍ର।

➲ ନିୟମିତ ଏହି ପତ୍ରକୁ ଖାଇଲେ ରକ୍ତରେ ଶର୍କରାର ମାତ୍ରା ମଧ ନିୟନ୍ତ୍ରିତ ହୋଇପାରେ। ତେଣୁ ମଧୁମେହ ରୋଗର ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପତ୍ର ଖାଇଲେ ପ୍ରାକୃତିକ ଉପାୟରେ ରୋଗ ନିୟନ୍ତ୍ରଣ କରାଯାଇପାରେ।



➲ ଏଥିରେ ଭିଟାମିନ୍ ଏ ଓ ସି ଥିବାରୁ ଏହା କେଶ ସମସ୍ୟାରୁ ମୁକ୍ତି ଦେବା ସହ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ।

➲ ଆମ୍ବପତ୍ରକୁ ପେଟ ପାଇଁ ଟନିକ୍ କହିଲେ ଭୁଲ୍ ହେବ ନାହିଁ। କାରଣ ଏହା ଅଲସର୍ ଭଲ କରିବାର କ୍ଷମତା ବି ରଖିଥାଏ।

➲ ୧୦–୧୨ଟି ଆମ୍ବପତ୍ରକୁ ପାଣିରେ ସିଝାଇ କାଢ଼ା ପ୍ରସ୍ତୁତ କରି ନିୟମିତ ପିଇଲେ ପେଟର ବିଭିନ୍ନ ସମସ୍ୟାକୁ ଦୂର ହୋଇଥାଏ।

## ରଙ୍ଗ ଦିଅ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com





# ଲିଡରଶିପ୍

**ନେତୃତ୍ୱ ନେବା ବା ଲିଡରଶିପ୍ ଏକ ସ୍ୱତନ୍ତ୍ର କ୍ଷମତା। ଏହି ଗୁଣ ହିଁ ସ୍କୁଲ କଲେଜ ସବୁଠି ପିଲାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ତେବେ ନିଜ ଭିତରେ ଏଭଳି ଏକ ସ୍ୱତନ୍ତ୍ର ପ୍ରତିଭାର ବିକାଶ କରାଇବା ପାଇଁ କେଉଁସବୁ ଦିଗପ୍ରତି ଧ୍ୟାନ ଦେବାକୁ ହେବ ଜାଣିରଖନ୍ତୁ।**

ପିଲାବେଳରୁ ଅନେକଙ୍କ କ୍ଷେତ୍ରରେ ଲିଡରଶିପ୍ କ୍ଷମତା ଦେଖିବାକୁ ମିଳିଥାଏ। କେତେକ ଜନ୍ମରୁ ଏଭଳି ଏକ ବିଶେଷ ଗୁଣର ଅଧିକାରୀ ହୋଇଥାନ୍ତି ତ ଆଉ କେତେକ ଉପଯୁକ୍ତ ପରିବେଶ ପାଇବା ପରେ ଏହି କ୍ଷମତା ବିକାଶ କରାଇବାର ସୁଯୋଗ ପାଇଥାନ୍ତି। ନେତୃତ୍ୱ ନେବା ଏକ ଦାୟିତ୍ୱ ଏବଂ ସମ୍ମାନ। ତେବେ ପିଲାବେଳରୁ ଚେଷ୍ଟା କଲେ ଜଣେ ନିଜର ଏହି ଗୁଣର ବିକାଶ କରାଇପାରିବ।

## କମ୍ୟୁନିକେଶନ୍ ସ୍କିଲ୍

ସବୁ କ୍ଷେତ୍ରରେ ସଫଳତା ନିମନ୍ତେ କମ୍ୟୁନିକେଶନ୍ ସ୍କିଲ୍ ବଢ଼ାଇବାକୁ ହେବ। ଅର୍ଥାତ୍ ସମସ୍ତଙ୍କ ସହ ଭଲଭାବରେ କଥାବାର୍ତ୍ତା କରିବା ଜରୁରୀ। ଯଦି ଏହି ଗୁଣର ବିକାଶ ନ ହେବ ତେବେ ସବୁ ଜାଣିଥିଲେ ବି ଅନେକ ସମୟରେ ପିଲାମାନେ ପଛୁଆ ହୋଇଯାଇଥାନ୍ତି। ତେଣୁ ପାଠ ପଢ଼ିବା ହେଉ କିମ୍ବା କୌଣସି ପ୍ରତିଯୋଗିତା ହେଉ ପ୍ରତି କ୍ଷେତ୍ରରେ ପିଲାଙ୍କୁ ପ୍ରଥମେ ନିଜର ଏହି ଦକ୍ଷତାକୁ ବିକାଶ କରାଇବାକୁ ହେବ। କମ୍ୟୁନିକେଶନ ସ୍କିଲ୍ ବୃଦ୍ଧି କରିବା ନିମନ୍ତେ ଆଜିକାଲି ବିଭିନ୍ନ ସ୍ଥାନରେ ଶିକ୍ଷା ମଧ୍ୟ ଦିଆଯାଉଛି। ତେଣୁ ଏହି କ୍ଷେତ୍ରରେ ଦୁର୍ବଳ ଥିବା ପିଲାମାନେ ଆବଶ୍ୟକ ହେଲେ ସ୍ୱତନ୍ତ୍ରଭାବେ ଶିକ୍ଷା ନେଇପାରିବେ।

## ବିଫଳତାକୁ ସାମ୍ନା

କଥାରେ ଅଛି ବିଫଳତା ହିଁ ସଫଳତାର ପ୍ରଥମ ପାହାଚ। ତେଣୁ ପିଲାମାନେ ବିଫଳତାକୁ ଗ୍ରହଣ କରିବା ସହ ସେଥିରୁ ଶିକ୍ଷା ଲାଭ କରନ୍ତୁ। କୌଣସି ସମୟରେ ବି ବିଫଳତାରେ ଭାଙ୍ଗି ପଡନ୍ତୁ ନାହିଁ। ବରଂ ବିଫଳତାକୁ ସାମ୍ନା କରି ତାକୁ ଅସ୍ତ୍ର ଭଳି ବ୍ୟବହାର କରନ୍ତୁ। ବିଫଳତାର କାରଣ ଖୋଜି କେଉଁ ସବୁ ଭୁଲ୍ ରହିଲା ତା'ର ଅନୁଧ୍ୟାନ କରନ୍ତୁ ଏବଂ ସେହି ଭୁଲକୁ ସୁଧାରିବାକୁ ଚେଷ୍ଟା କରନ୍ତୁ। ସବୁବେଳେ ଜିତିବା ବଦଳରେ ଶିଖିବା ଅଭ୍ୟାସ କରନ୍ତୁ।

## ଅନୁଶାସନ

ଅନୁଶାସନରେ ରହୁଥିବା ପିଲାମାନେ ପ୍ରାୟତଃ ସବୁକ୍ଷେତ୍ରରେ ସଫଳତା ହାସଲ କରିବାର ଦେଖାଯାଏ। ଅନୁଶାସନ ବିନା କେହି ବି ଲିଡରଶିପ୍ ସ୍କିଲ୍ ବଢ଼ାଇପାରିବ ନାହିଁ। କାରଣ କୌଣସି ବି କ୍ଷେତ୍ରରେ ନେତୃତ୍ୱ ନେବା ପରେ ସେଠାରେ ଅନୁଶାସନ ରହିବା ଜରୁରୀ ହୋଇଥାଏ। ତେବେ ଅନୁଶାସନ ନିମନ୍ତେ ସବୁ ପିଲା ଛୋଟବେଳରୁ ମାତାପିତାଙ୍କ ନିୟମ ଅନୁସାରେ ଚଳିବା ଦରକାର। ଅବଶ୍ୟ ଅନୁଶାସନର ଅର୍ଥ ମାତାପିତାଙ୍କୁ ଭୟ କରିବା ନୁହେଁ। ଭୟ ଦେଖାଇ ମାଡ ଦେଇ କୌଣସି ସ୍ଥାନରେ ପିଲାମାନଙ୍କୁ ଅନୁଶାସିତ କରାଯାଏ ନାହିଁ ଏକଥା ଅଭିଭାବକ ମଧ୍ୟ ବୁଝିବା ଆବଶ୍ୟକ। ପିଲାମାନେ ବି ମାତାପିତାଙ୍କର ସ୍ନେହ ଓ ଭଲପାଇବାକୁ ବୁଝି ସେହି ଅନୁସାରେ କାମ କରିବା ଉଚିତ।

## ସୋସିଆଲ ୱାର୍କ

ନିଜ ମଧ୍ୟରେ ଲିଡରଶିପ୍ ଗୁଣର ବିକାଶ କରାଇବାକୁ ଚାହୁଁଥିଲେ ପିଲାମାନେ ଛୋଟବେଳରୁ ଅନ୍ୟମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ପ୍ରୟାସ କରନ୍ତୁ। କେବଳ ପରିବାର ଲୋକ ନୁହନ୍ତି ବରଂ ପାଖ ପଡୋଶୀ ଓ ଅପରିଚିତ ଲୋକଙ୍କୁ ମଧ୍ୟ ସାହାଯ୍ୟ କରିବା ମନୋବୃତ୍ତି ରଖନ୍ତୁ। ଯଥାସମ୍ଭବ ଅନ୍ୟକୁ ସାହାଯ୍ୟ କରିବାର କୌଣସି ସୁଯୋଗ ହାତଛଡ଼ା କରନ୍ତୁ ନାହିଁ। ଛୋଟବେଳରୁ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କଲେ ପିଲାଙ୍କ ମଧ୍ୟରେ ନେତୃତ୍ୱ ନେବାର ଏକ କ୍ଷମତା ଆପେ ଆପେ ଆସିଥାଏ।

## ଆତ୍ମବିଶ୍ୱାସ

ଛୋଟବେଳରୁ ସମସ୍ତେ ନିଜର ଆତ୍ମବିଶ୍ୱାସ ମଜଭୁତ କରନ୍ତୁ। ଏଥିପାଇଁ ସବୁକିଛି କରିବାକୁ ଚେଷ୍ଟା କରନ୍ତୁ। ପାଠପଢ଼ା ବ୍ୟତୀତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଓ ପ୍ରତିଯୋଗୀତାରେ ଭାଗ ନିଅନ୍ତୁ କିମ୍ବା ନୂଆ କିଛି କରିବା ପାଇଁ ଚେଷ୍ଟା କରନ୍ତୁ। ଆବଶ୍ୟକ ହେଲେ ମାତାପିତାଙ୍କ ପରାମର୍ଶ ଓ ସାହାଯ୍ୟ ନିଅନ୍ତୁ। ଏଭଳି କରିବା ଫଳରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଏବଂ ଯେକୌଣସି କାମକୁ ସହଜରେ କରିପାରିବେ।



## ଏମାନେ କ'ଣ କରନ୍ତି

### ଲିଡରଶିପ୍ ଭଲ ଲାଗେ



ସବୁବେଳେ କ୍ଲାସ୍‌ରେ ମନିଟର ହେବାକୁ ମତେ ଭଲ ଲାଗେ। ମନିଟର ହେବା ପରେ ସମସ୍ତଙ୍କ ବିଷୟରେ ଜାଣିବା, କୌଣସି ବିଶୃଙ୍ଖଳା ଦେଖିଲେ ସେମାନଙ୍କୁ ଦଣ୍ଡିତ କରିବା ପାଇଁ ପ୍ରସ୍ତାବ ଦେବା କାମ କରେ। ଖାଲି ସେତିକି ନୁହେଁ କାହାର କୌଣସି ଅସୁବିଧା ଥିଲେ ବି ସାର୍‌ମାନଙ୍କ ପାଖକୁ ଯାଇ ଜଣାଇଥାଏ। ବେଳେବେଳେ ସାଙ୍ଗମାନେ ପରସ୍ପର ଭିତରେ ଝଗଡା କରୁଥିଲେ ସେମାନଙ୍କୁ ପ୍ରଥମେ ବୁଝାଏ। ଯଦି ସେମାନେ ମୋ କଥା ମାନନ୍ତି ନାହିଁ ତା'ହେଲେ ସାର୍‌ଙ୍କ ଆଗରେ ଜଣାଏ। ଏମିତିଭାବେ ସବୁ ପ୍ରକାରର ଲିଡରଶିପ୍ କାମ କରିବାକୁ ମତେ ବହୁତ ଭଲ ଲାଗେ।

**-ଶ୍ରେୟାଂଶୀ ମହାନ୍ତି,** କ୍ଲାସ-୭, କ୍ରିଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲ, ପ୍ରତାପନଗରୀ, କଟକ

### ନିଜକୁ ବଦଳାଇ ଦେଇଛି



ଆଗରୁ ସମସ୍ତଙ୍କ ଆଗରେ କିଛି କହିବା ପାଇଁ ମତେ ସଙ୍କୋଚ ଲାଗୁଥିଲା। ବେଳେବେଳେ କ୍ଲାସ୍‌ରେ ପ୍ରଶ୍ନର ଉତ୍ତର ଜାଣିଥିଲେ ବି ଆଗୁଆ କହିବାକୁ ମନକୁ କେମିତି ଗୋଟେ ଶଙ୍କା ଆସୁଥିଲା। ସେଥିପାଇଁ ସବୁ ଜାଣିଥିଲେ ବି ପଛୁଆ ରହି ଯାଉଥିଲି। କିନ୍ତୁ ମନରୁ ଏହି ଭାବନାକୁ ଦୂର କରିବା ପାଇଁ ମତେ ବାବା ବହୁତ ସାହାଯ୍ୟ କରିଛନ୍ତି। ସ୍କୁଲର ବିଭିନ୍ନ କାର୍ଯ୍ୟକ୍ରମରେ ମତେ ଭାଷଣ ଦେବା ପାଇଁ ବାରମ୍ବାର ପ୍ରୋତ୍ସାହିତ କରନ୍ତି। କେମିତି ଭାଷଣ ଦେବାକୁ ହେବ ଘରେ ଅଭ୍ୟାସ ବି କରାନ୍ତି। ସାଙ୍ଗସାଥୀଙ୍କ ନକାରାତ୍ମକ ପ୍ରତିକ୍ରିୟାକୁ ଅଣଦେଖା କରିବା ପାଇଁ କହନ୍ତି। ଏମିତିଭାବେ ଧୀରେ ଧୀରେ ମୋର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ଏବଂ ଏବେ ମତେ ଆଉ ଅସୁବିଧାର ସାମ୍ନା କରିବାକୁ ପଡୁନି। ସ୍କୁଲର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଉଛି ଏବଂ ସଫଳ ହୋଇପାରୁଛି। ତେଣୁ ମୋ ଭିତରେ ମଧ୍ୟ ଏକ ଲିଡରଶିପ୍ କ୍ୱାଲିଟି ଧୀରେ ଧୀରେ ବଢ଼ୁଛି ଏକଥା ନିଜେ ଅନୁଭବ କରିପାରୁଛି।


**-ଚନ୍ଦ୍ରଶେଖର ବାରିକ,** କ୍ଲାସ- ୧୦, ସରକାରୀ ହାଇସ୍କୁଲ, କୁସୁମାଟି, ଛଣଘର, ଖୋର୍ଦ୍ଧା



୧




୨



୩




୪




୫



୬




୭



୮



**ଶ୍ରାୟାଂଶ ସାହୁ**
କ୍ଲାସ– ୩,
ବିବେକାନନ୍ଦ ପବ୍ଲିକ ସ୍କୁଲ,
ବାଙ୍କି, କଟକ
୧



**ଜିଜ୍ଞାସା ପ୍ରହରାଜ**
କ୍ଲାସ– ୪, ବ୍ଲେସ୍‌ଡ
ସାକ୍ରାମେଣ୍ଟ
ହାଇସ୍କୁଲ, ପୁରୀ
୨



**ଅଂଶୁମାନ ରାଉତ**
କ୍ଲାସ– ୬, ସେଣ୍ଟ ଜାଭିଅର୍ସ
ହାଇସ୍କୁଲ, ଖଣ୍ଡଗିରି,
ଭୁବନେଶ୍ୱର
୩



**ଗାୟତ୍ରୀ ଦାସ**
କ୍ଲାସ– ୧୦,
ଡିଏଭି ପବ୍ଲିକ
ସ୍କୁଲ, କଟକ
୪



**ସ୍ଥିତପ୍ରଜ୍ଞ ରଥ**
କ୍ଲାସ– ୫, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
କାକଟପୁର, ପୁରୀ
୫



**ଅଭିଲିପ୍ସା ରାଉତ**
କ୍ଲାସ– ୧୦, ରଘୁନାଥ ଉଚ୍ଚ
ବିଦ୍ୟାଳୟ, ମଙ୍ଗଳପୁର,
ଯାଜପୁର
୬



**ଅରିନ୍ଦମ୍ ପଣ୍ଡା**
କ୍ଲାସ– ୧୦, ଡୁନ୍
ଇଣ୍ଟରନ୍ୟାଶନାଲ ସ୍କୁଲ,
ସିଜୁଆ, ଭୁବନେଶ୍ୱର
୭



**ଅନନ୍ୟା ଅନୁପମ ରାଉତ**
କ୍ଲାସ– ୬, ଡିପିଏସ୍
କଳିଙ୍ଗ, ଭୁବନେଶ୍ୱର
୮



## ବଢ଼ିଲା ଖରା

ଝୁଆଡେ ଗଲେ ଗାମୁଛା ଛତା
ପାଣି ବୋତଲ ନେବା
ସୂତା କପଡ଼ାର ଲୁଗା ପିନ୍ଧିବା
ଛାଇ ତଳ ଲୋଡ଼ିବା ।
କହିପାରନ୍ତିନି ପଶୁ ପକ୍ଷୀ
ତୋରାଣି ପାଣି ଦେବା
ପ୍ରଚଣ୍ଡ ରୌଦ୍ର ଅସହ୍ୟ ଧରା
ପ୍ରାଣୀ ସହାୟ ହେବା ।
ଛୋଟ ପିଲାଙ୍କ ଯତ୍ନ ନେବା
ଶୀତଳ ପବନେ ରଖି
ବୃଦ୍ଧ ବୃଦ୍ଧାଙ୍କୁ ସେବା କରିବା
ଓଦା ଲୁଗାରେ ପୋଛି ।

**– ଗୋପୀନାଥ ଦାଶ**
ବରପାଲି ପଡ଼ା, ବଲାଙ୍ଗୀର
ମୋ: ୬୩୭୧୮୦୫୦୭୦



# କବିତା

## ଖରାଦିନ

ଗ୍ରୀଷ୍ମ ଋତୁର ଅସହଣି ଖରା
ତପତ କରଇ ଧରା
ଗରମ ସହିତ ଗୁଳୁଗୁଳି ହୁଏ
କାଳବଇଶାଖୀ ଭରା ।
ଖରାବେଳେ ଯଦି ପଦାକୁ ବାହାର
ଥାଏ ଅଂଶୁଘାତ ଭୟ
ଅତି ଦରକାର ହେଲେ ବାହାରିବ
ସ୍ୱାସ୍ଥ୍ୟ ପ୍ରତି ରଖି ଲୟ ।
ଛତା, ଜୋତା, କଳାଚଷମା, ଗାମୁଛା
ପାଣି ବୋତଲ ଯେ ନେବ
ଘୋଳଦହି, କାଞ୍ଜି, ତୋରାଣି, ସର୍ବତ
ଲସି, ପଣା ପିଉଥିବ ।

**– ନିରଞ୍ଜନ ସାହୁ**
ନିହଲ ପ୍ରସାଦ, ଗଁଦିଆ
ପାଟଣା,ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩

## ଅଂଶୁଘାତ ଦୂର ହେବ

ଆସିଗଲା ଖରା ତାତୁଅଛି ଧରା
ହେଉଛି ଗରମ ପ୍ରବଳ,
ଗମଗମ ହୋଇ ଝାଳଯାଏ ବୋହି
ଲାଗଇ ବହୁତ ଦୁର୍ବଳ ।
ସୂରୁଜ କିରଣ ହେଲାଣି ପ୍ରଖର
ଝାଞ୍ଜି ପବନ ବି ବହୁଛି,
ଲାଗୁଛି ଏପରି ଆକାଶୁ ସତେକି
ନିଆଁର ବରଷା ହେଉଛି ।
ଲେମ୍ବୁ,ଲୁଣ,ଜଳ,ସରବତ, ବେଲ
ମିଶିରି ପାଣି ବି ପିଇବା,
ଦହିକୁ ପଖାଳ ତରଭୁଜ ଭଲ
ଏଇ ଖରାଦିନେ ଖାଇବା ।
ଯିବା ନାହିଁ ବୁଲି ଖରାଟାରେ ଖେଳି
ଅଂଶୁଘାତ ଦୂର ହୋଇବ,
କଥାକୁ ମାନିଲେ ଘରେ ରହୁଥିଲେ
ସୁସ୍ଥ ସବୁବେଳେ ରହିବ ।

**– ଲକ୍ଷ୍ମୀଧର ନାୟକ**
ବାଉଁଶିଆପଡ଼ା, ନୟାଗଡ଼
ମୋ: ୮୨୭୦୩୭୨୪୯୮

## କାଳବୈଶାଖୀ

ନିଦାଘେ ପ୍ରଚଣ୍ଡ ରୂପକୁ ତୋର
ଦେଖି ଲାଗେ ଭାରି ଡର,
ପବନ ସହିତ ବିଜୁଳି ପ୍ରକୋପେ
ଉଡ଼ାଇ ନେଉଛୁ ଘର ।
କେଉଁଠି ଗଛକୁ ଉପାଡ଼ି ଦେଉଛୁ
କେଉଁଠି ଭାଙ୍ଗୁଛୁ ଡାଳ,
କେଉଁଠି ମଣିଷ ଗାଈ ଗୋରୁ ମାରି
ଦେଖାଉଛୁ ତୋର ବଳ ।
କେଉଁଠି ଫସଲ ନଷ୍ଟ କରୁଅଛୁ
କୁଆପଥରକୁ ଆଣି,
ବିଚରା ଚାଷୀଟି ମୁଣ୍ଡେ ହାତ ଦିଏ
ଆଖିରୁ ବୁହାଇ ପାଣି ।
ତଥାପି ନିଦାଘେ ଚନ୍ଦନର ଲେପ
ଦେଇଯାଉ ତୁ ଆସି,
ଉତ୍ତପ୍ତ ଧରାକୁ ଶୀତଳ କରିଣ
ଦେଇ ଯାଉ କେତେ ଖୁସି ।

**– ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଘଣାଶାଳ ସାହି,
ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ୧୨୭ ଘଣ୍ଟାର ନାଚ

ନୃତ୍ୟକଳା ପ୍ରତି ଆକର୍ଷଣ ଥିଲେ କେତେକେ ଘଣ୍ଟା ଘଣ୍ଟା ଧରି ନାଚ କରୁଥିବା ଦେଖାଯାଏ । କିନ୍ତୁ ନୃତ୍ୟ କରି ଦିନ ଦିନ ବିତାଇଦେବା କ୍ୱଚିତ୍ ଦେଖାଯାଏ । ତେବେ ଏଭଳି ଭିନ୍ନଭାବେ ନୃତ୍ୟ ପ୍ରଦର୍ଶନ କରି ସାରା ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିଛନ୍ତି ସୃଷ୍ଟି ସୁଧୀର । ମହାରାଷ୍ଟ୍ର ଲାତୁର ଅଞ୍ଚଳର ୧୬ ବର୍ଷୀୟା ଏହି ଯୁବତୀ ଲଗାତର ୧୨୭ ଘଣ୍ଟା ନୃତ୍ୟ କରି ରେକର୍ଡ କରିଛନ୍ତି । ଏକକ ନୃତ୍ୟାଙ୍ଗନା ଭାବେ ଦୀର୍ଘ ସମୟ ନୃତ୍ୟ କରିଥିବାରୁ ତାଙ୍କୁ ଗିନିଜ୍ ରେକର୍ଡରେ ମଧ୍ୟ ସ୍ଥାନ ମିଳିଛି । ସୃଷ୍ଟି ତାଙ୍କ କଲେଜର ଅଡିଟୋରିୟମ୍‌ରେ ଏଭଳି ଏକ ନୃତ୍ୟ ମାରାଥନ୍‌ର ଆୟୋଜନ କରିଥିଲେ । ସ୍ୱର ତାଳ ଅନୁସାରେ ନୃତ୍ୟ କରିବାବେଳେ ଯେତେବେଳେ ସେ ଥକି ଯାଉଥିଲେ ପାଖରେ ଥାଇ ତାଙ୍କ ମାତାପିତା ତାଙ୍କ ଉପରେ ସାମାନ୍ୟ ପାଣି ସିଞ୍ଚନ କରୁଥିଲେ । ଏହା ସହିତ ଅଡିଟୋରିୟମରେ ସୃଷ୍ଟିଙ୍କର ଶୁଭେଚ୍ଛୁମାନେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ । ତେବେ ସୃଷ୍ଟିଙ୍କ ପୂର୍ବରୁ ନେପାଳର ବନ୍ଦନା ଏଭଳି ଭାବେ ୧୨୬ ଘଣ୍ଟା ନୃତ୍ୟ ପ୍ରଦର୍ଶନ କରି ରେକର୍ଡ କରିଥିଲେ ।

## ଏଥରର



- ଭାରତର ପ୍ରଥମ ନୋବେଲ ବିଜେତା ?
- କୃତ୍ରିମ ଉପାୟରେ ଫଳକୁ ପଚାଇବା ପାଇଁ କ'ଣ ବ୍ୟବହାର କରାଯାଏ ?
- ଲାଫିଙ୍ଗ୍ ଗ୍ୟାସ୍ କାହାକୁ କହନ୍ତି ?
- ଓଜୋନ ଲେୟାର ଆମକୁ କେଉଁ ଗ୍ୟାସର କୁପ୍ରଭାବରୁ ରକ୍ଷା କରେ ?
- ସୋଲାର ପାୱାରରେ ପରିଚାଳିତ ଭାରତର ବିମାନ ବନ୍ଦର ?

## ଗତଥରର ଉତ୍ତର




- ଭୀମରାଓ ରାମଜୀ ଆମ୍ବେଡକର
- ସାବିତ୍ରୀବାଈ ଫୁଲେ
- କ୍ୟାପଟେନ୍ ପ୍ରେମ୍ ମାଥୁର
- ନୀରଜା ଭାନୋଟ
- ୧୯୧୯

## କହିଲ ଦେଖି



ମାନେ ନାହିଁ ଖରା ବରଷା ଶୀତ
ଆନନ୍ଦ ମନରେ ଗାଏ ସେ ଗୀତ
ସକାଳୁ ଉଠି ସେ କ୍ଷେତକୁ ଯାଏ
ସାରା ରାଇଜକୁ ଖାଦ୍ୟ ଯୋଗାଏ
ମୁଣ୍ଡରେ ପଗଡ଼ି କାନ୍ଧେ କୋଦାଳ
କେତେବେଳେ ପୁଣି ବୁଲାଏ ହଳ
ଉତ୍ପାଦନ କରେ ନାନା ଦରବ
ନାମଟି ତାହାର କିଏ କହିବ ?

ଉ– **କୃଷକ ଭାଇ**



ଗୋଟିଏ ମଣିଷ ବଳଦ ଦୁଇ
ଲୋଡ଼ା ପଡୁଥାଏ ଚଷିବା ପାଇଁ
ଲଙ୍ଗଳ ଯୁଆଳି ଲୋଡ଼ା ପଡ଼ଇ
କିଏ ସେ ପାରିବ ନାମ ତା' କହି ?

ଉ– **ହଳ**



ଶୁଭ ଓ ସିଦ୍ଧିର ଦିବସଟିଏ
ବହୁ ଅନୁକୂଳ ଏ ଦିନୁ ହୁଏ
ଦ୍ରବ୍ୟକିଣା ଆଉ ଗୃହ ନିର୍ମାଣ
ରଥ ତିଆରି ବି ଏ ଦିନୁ ଜାଣ
ଏ ଦିନୁ କୃଷିର ଆରମ୍ଭ ହୁଏ
ଅକ୍ଷିମୁଠି ନେଇ ବିଲକୁ ଯାଏ
ବୈଶାଖ ଶୁକ୍ଳ ତୃତୀୟାତିଥି
କିଏସେ କହିବ ତା'ର ନାମଟି ?

ଉ– **ଅକ୍ଷୟତୃତୀୟା**




ବେତରେ ତିଆରି ଦରବଟିଏ
ଚାଷୀଭାଇ ଘରେ ନିହାତି ରୁହେ
ଧାନ ବିରିମୁଗ ମାପିବା ପାଇଁ
ବ୍ୟବହୃତ ପରା ହୁଅଇ ସେହି
ତାକୁ ଦେଖିଅଛି ଯାହାର ଆଖି
ନାମଟି ତାହାର କହିଲ ଦେଖି ?

ଉ– **ମାଣ/ଗଉଣି**

**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫

# କ୍ଷିପ୍ର ବେଗରେ କାମୁଡ଼ୁଥିବା ସାପ





**ବି**ଶ୍ୱରେ ବିଭିନ୍ନ ପ୍ରଜାତିର ସାପ ଦେଖିବାକୁ ମିଳନ୍ତି। କିନ୍ତୁ ଏଥିମଧ୍ୟରୁ ଏଭଳି ଏକ ପ୍ରଜାତିର ସାପ ଅଛନ୍ତି, ଯେଉଁମାନେ କାମୁଡିଲେ ଖୁବ୍ କମ୍ ସମୟ ମଧ୍ୟରେ ମୃତ୍ୟୁ ଘଟିଥାଏ। ଏହି ଭୟଙ୍କର ଆଉ ବିଷାକ୍ତ ସାପଟି ହେଉଛି 'ଆଇଲାଶ ଭାଇପର'। ଏମାନଙ୍କ ଦଂଶନ ଏତେ ମାରାତ୍ମକ ଯେ ଯଦି କାହାକୁ କାମୁଡ଼ି ଦିଅନ୍ତି ଏବଂ ଠିକ୍ ସମୟରେ ଚିକିତ୍ସା ନ କରାଯାଏ, ତେବେ ମୃତ୍ୟୁ ପ୍ରାୟ ସୁନିଶ୍ଚିତ ବୋଲି ଧରି ନେବାକୁ ହେବ। 'ଏ ଟୁ ଜେଡ୍ ଆନିମଲ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆଇଲାଶ ଭାଇପର ହେଉଛି ଅତ୍ୟଧିକ ବିଷଧର ସାପ। ଏମାନଙ୍କ ବିଷରେ ହେମୋଟକ୍ସିକ୍ ନାମକ ବିଷାକ୍ତ ତତ୍ତ୍ୱ ରହିଛି, ଯାହାର ପ୍ରଭାବରେ ରକ୍ତ ସଞ୍ଚାଳନ ବନ୍ଦ ହୋଇଯାଏ ଏବଂ ରକ୍ତ ଶୀଘ୍ର ଜମାଟ ବାନ୍ଧିବା ଆରମ୍ଭ କରିଦିଏ। ଫଳରେ ସଂପୃକ୍ତ ବ୍ୟକ୍ତି ଅକାଳ ମୃତ୍ୟୁମୁଖରେ ପଡିଥାଏ। ଏହି ସାପର ଲମ୍ବ ୨-୩ମିଟର ହୋଇଥିବାବେଳେ ପ୍ରଜାତି ଅନୁସାରେ ଏମାନଙ୍କ ରଙ୍ଗ ଲାଲ, ଧୂସର, ନୀଳ, ଗୋଲାପୀ, ହଳଦିଆ ଏବଂ ସବୁଜ ହୋଇଥାଏ।



# ମଶା ନ ଥିବା ଦେଶ

ବିଶ୍ୱରେ ସବୁବେଳେ କିଛି ନା କିଛି ଘଟଣା ଘଟିଥାଏ। ସେଗୁଡିକ ମଧ୍ୟରୁ କେତେକକୁ ନେଇ ବେଶ୍ ଚର୍ଚ୍ଚା ହୁଏ। ଆମ ବିଶ୍ୱରେ ଏଭଳି ଏକ ଦେଶ ରହିଛି, ଯେଉଁଠି ଆଦୌ ମଶା ଦେଖିବାକୁ ମିଳି ନ ଥାନ୍ତି। କେବଳ ସେତିକି ନୁହେଁ, ଏହି ଦେଶକୁ 'ମଶା ନ ଥିବା ଦେଶ' ଭାବରେ ଅଭିହିତ କରାଯାଇଛି। ଉକ୍ତ ଦେଶଟି ହେଉଛି ଆଇସଲାଣ୍ଡ। ହେଲେ ଏହି ଦେଶରେ କ'ଣ ପାଇଁ ଆଦୌ ମଶା ଦେଖାଯାଆନ୍ତି ନାହିଁ, ତାହା ଉପରୁ ବିଶେଷଜ୍ଞମାନେ ଏପର୍ଯ୍ୟନ୍ତ ପରଦା ହଟାଇବାରେ ସକ୍ଷମ ହୋଇନାହାନ୍ତି। ମ୍ୟାଲେରିଆ ଏବଂ ଡେଙ୍ଗୁର ବାହକ ହେଉଛନ୍ତି ମଶା। ଏକ ଆକଳନରୁ ଜଣାପଡିଛି ଯେ ପ୍ରତିବର୍ଷ ବିଶ୍ୱରେ ଏହି ମଶାକାମୁଡ଼ା ପାଇଁ ୧୦ଲକ୍ଷ ଲୋକଙ୍କର ପ୍ରାଣହାନି ଘଟିଥାଏ।

# କୁକୁରଙ୍କ ପାଇଁ ସୁସୁରି

# 'ଗାଲଟନ୍ ହୁଇସିଲ୍'




**ବା**ହାର ଦୁନିଆକୁ ଅନୁଭବ କରିବା ପାଇଁ ଆମ ଦେହରେ ଇନ୍ଦ୍ରିୟମାନ ରହିଛନ୍ତି । ସେଗୁଡିକ ଭିତରୁ କାନ ହେଉଛି ଶ୍ରବଣ ଇନ୍ଦ୍ରିୟ, ଯାହାର ମୁଖ୍ୟ କାମ ହେଉଛି ଶବ୍ଦକୁ ଶୁଣିବା । ଶବ୍ଦ ବା ଧ୍ୱନି ହେଉଛି ଆମ ଜୀବନରେ ଅବିଚ୍ଛେଦ୍ୟ ଅଙ୍ଗ । କାହିଁକି ନା, ପରସ୍ପର ମଧ୍ୟରେ ଯୋଗାଯୋଗ କରିବା କାମରେ ଧ୍ୱନିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାଧାରଣ ଲୁହାଖୁଣ୍ଟ ବା ଟିଣକୁ ବାଡ଼େଇଲେ କିମ୍ବା ତାଳି ମାରିଲେ ଶବ୍ଦ ସୃଷ୍ଟି ହୁଏ । କାରଣ, ଲୁହାଖୁଣ୍ଟକୁ ପିଟିଲେ, ଟିଣକୁ ବାଡ଼େଇଲେ କିମ୍ବା ତାଳି ମାରିଲେ ବାୟୁରେ କମ୍ପନ ସୃଷ୍ଟି ହୁଏ । ଅର୍ଥାତ୍ ବାୟୁର କଣିକାଗୁଡିକ ଥରିଯାଆନ୍ତି। ଥରୁଥିବା ବାୟୁ କଣିକାଗୁଡିକ ଆମ କାନ ଭିତରେ ଥିବା ପତଳା ପରଦାକୁ ହଲେଇ ଦିଅନ୍ତି। ସେହି ପତଳା ପରଦାକୁ କର୍ଣ୍ଣପଟହ କୁହାଯାଏ। କାନ ଭିତରେ କର୍ଣ୍ଣପଟହ ଥରିଲେ ଆମକୁ ଶବ୍ଦ ଶୁଣାଯାଏ। ତେଣୁ କମ୍ପନ ହିଁ ଶବ୍ଦ ସୃଷ୍ଟି କରେ। ଏକ ସେକେଣ୍ଡରେ ଯେତେ ଥର କମ୍ପନ ହୁଏ, ସେହି ସଂଖ୍ୟାକୁ କୁହାଯାଏ ବାରମ୍ବାରତା ବା ଆବୃତ୍ତି । ଏହାକୁ 'ହର୍ଜ' ଏକକରେ ମାପ କରାଯାଏ । ଥରୁଥିବା ବସ୍ତୁଟିଏ ଏକ ସେକେଣ୍ଡରେ ଯେତେ ଥର ଏପଟ ସେପଟ ହୁଏ, ତାହାର କମ୍ପନ ମାତ୍ରାକୁ ସେତିକି ହର୍ଜ କୁହାଯାଏ ।

କମ୍ପନ ହାର ୨୦ ହର୍ଜରୁ ୨୦,୦୦୦ ହର୍ଜ ଭିତରେ ରହିଲେ ଆମେ ଶୁଣିପାରିବା। କିନ୍ତୁ ତାହାଠାରୁ ବେଶୀ ହାର କମ୍ପନକୁ ଆମେ ଶୁଣି ପାରିବା ନାହିଁ । ଆମେ ଶୁଣି ପାରୁ ନଥିବା ୨୦,୦୦୦ ହର୍ଜରୁ ଅଧିକ ହାର କମ୍ପନକୁ 'ଅଲ୍ଟ୍ରାସାଉଣ୍ଡ' ବା 'ପାରସ୍ୱନିକ' କୁହାଯାଏ । କୁକୁରମାନେ 'ଅଲ୍ଟ୍ରାସାଉଣ୍ଡ' କମ୍ପନକୁ ଶୁଣି ପାରନ୍ତି।

> "କୁକୁରଙ୍କ ସୁସୁରିରୁ 'ହିସ୍ ହିସ୍' ଶବ୍ଦ ବାହାରେ, ଯାହାକୁ କୁକୁରର କାନ ଠିକ୍ ଅନୁଭବ କରିପାରେ । ସାଧାରଣ ସୁସୁରି ବଜେଇଲେ ସେଥିରୁ ବାହାରୁଥିବା ଶବ୍ଦ ଶୁଣିଲେ ଆମକୁ ବିରକ୍ତ ଲାଗେ । କିନ୍ତୁ 'ଗାଲ୍ଟନ୍ ହୁଇସିଲ୍' ବଜେଇ କୁକୁରମାନଙ୍କୁ ପ୍ରଶିକ୍ଷଣ ଦେବା ସମୟରେ ଏଥିରୁ ବାହାରୁଥିବା ଶବ୍ଦ ଆଖପାଖର ଲୋକମାନଙ୍କୁ ଶୁଣାଯାଏ ନାହିଁ କି ଏହା ବିରକ୍ତ କରେ ନାହିଁ ।"

ପାରସ୍ୱନିକ ଶବ୍ଦର ବାରମ୍ବାରତା ଆମେ ଶୁଣୁଥିବା ଶବ୍ଦର ବାରମ୍ବାରତାଠାରୁ ଖୁବ୍ ଅଧିକ । ଲୁହାଖୁଣ୍ଟ ବା ଟିଣକୁ ବାଡ଼େଇ ପାରସ୍ୱନିକ ଶବ୍ଦ ସୃଷ୍ଟି କରିବା ସମ୍ଭବ ନୁହେଁ । ପାରସ୍ୱନିକ ଶବ୍ଦ ସୃଷ୍ଟି କରିବା ପାଇଁ ଏମିତି ପଦାର୍ଥ ଦରକାର, ଯାହାକି ଭାଙ୍ଗି ନଯାଇ ଅତି ଉଚ୍ଚ ହାରରେ କମ୍ପିତ ହେବ ଏବଂ ସେଥିରୁ ୨୦ କିଲୋହର୍ଜରୁ ଅଧିକ ବାରମ୍ବାରତାର କମ୍ପନ ବାହାରି ପାରିବ । ୧୮୭୬ ମସିହାରେ ଇଂଲଣ୍ଡର ବୈଜ୍ଞାନିକ ସାର୍ ଫ୍ରାନ୍ସିସ୍ ଗାଲଟନ ଏକ ବିଶେଷ ଧରଣର ସୁସୁରି ବା ସିଟି (ହୁଇସିଲ୍) ତିଆରି କରିଥିଲେ । ସେହି ସୁସୁରିକୁ 'ଗାଲଟନ୍ ହୁଇସିଲ୍' କୁହାଯାଏ । ସେହି ସୁସୁରିକୁ ଫୁଙ୍କିଲେ ସେଥିରୁ ଯେଉଁ କମ୍ପନ ବାହାରିଲା, ତାହାର କମ୍ପନହାର ମଣିଷର ଶୁଣିବା ସୀମାଠାରୁ ଅଧିକ ଥିଲା। ତେଣୁ ଗାଲ୍ଟନ୍ ହୁଇସିଲ୍ ଦ୍ୱାରା ଅଲ୍ଟ୍ରାସାଉଣ୍ଡ ତରଙ୍ଗ ସୃଷ୍ଟି କରାଯାଇ ପାରିଲା । ଏହି ତରଙ୍ଗର କମ୍ପନ ହାର ୧,୦୦,୦୦୦ ହର୍ଜ (୧୦୦ କିଲୋହର୍ଜ) ଭିତରେ ରହିଥିଲା। ବୈଜ୍ଞାନିକ ଗାଲ୍ଟନ୍ କୁକୁରମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଏହି ସୁସୁରି ତିଆରି କରିଥିଲେ। କୁକୁରର କାନ ପ୍ରାୟ ୪୫,୦୦୦ ହର୍ଜ୍ ପର୍ଯ୍ୟନ୍ତ କମ୍ପନକୁ ଶୁଣିପାରିବ। କୁକୁରକୁ ପ୍ରଶିକ୍ଷଣ ଦେବା ପାଇଁ ଯେଉଁ ସୁସୁରି ବ୍ୟବହାର କରାଯାଏ, ସେସବୁର ବାରମ୍ବାରତା ପ୍ରାୟ ୨୩ କିଲୋହର୍ଜରୁ ୫୪ କିଲୋହର୍ଜ ଭିତରେ ରହିଥାଏ । ଅବଶ୍ୟ ଏସବୁ ସୁସୁରିରେ କମ୍ପନର ବାରମ୍ବାରତାକୁ ବଢ଼େଇବା ଓ କମେଇବା ପାଇଁ ବ୍ୟବସ୍ଥା ମଧ୍ୟ ରହିଥାଏ।

କୁକୁରଙ୍କ ସୁସୁରିରୁ 'ହିସ୍ ହିସ୍' ଶବ୍ଦ ବାହାରେ, ଯାହାକୁ କୁକୁରର କାନ ଠିକ୍ ଅନୁଭବ କରିପାରେ। ସାଧାରଣତଃ ସୁସୁରି ବଜେଇଲେ, ସେଥିରୁ ବାହାରୁଥିବା ଶବ୍ଦ ଶୁଣିଲେ ଆମକୁ ବିରକ୍ତ ଲାଗେ। କିନ୍ତୁ 'ଗାଲ୍ଟନ୍ ହୁଇସିଲ୍' ବଜେଇ କୁକୁରମାନଙ୍କୁ ପ୍ରଶିକ୍ଷଣ ଦେବା ସମୟରେ ଏଥିରୁ ବାହାରୁଥିବା ଶବ୍ଦ ଆଖପାଖର ଲୋକମାନଙ୍କୁ ଶୁଣାଯାଏ ନାହିଁ କି ଏହା ବିରକ୍ତ କରେ ନାହିଁ । ଯେତେବେଳେ ଅଲ୍ଟ୍ରାସାଉଣ୍ଡ ସୃଷ୍ଟି କରିବା ଦିଗରେ ବୈଜ୍ଞାନିକମାନେ ଚିନ୍ତା କରୁଥିଲେ, ସେହି ସମୟରେ ଗାଲଟନ୍ ଏହି ସୁସୁରି ତିଆରି କରିଥିଲେ । ତେଣୁ ଏହି ସୁସୁରିକୁ ଅଲ୍ଟ୍ରାସାଉଣ୍ଡ ସୃଷ୍ଟି କରିବା କାମରେ ମଧ୍ୟ ବ୍ୟବହାର କରାଯାଉଥିଲା। ଆଜିକୁ ପ୍ରାୟ ୧୫୦ ବର୍ଷ ତଳେ ଏହି ସୁସୁରିର ଉଦ୍ଭାବନ ହୋଇଥିଲା ସତ, କିନ୍ତୁ ଆଜି ବି ତା'ର ଉପଯୋଗିତା ରହିଛି ।



**ସାର୍ ଫ୍ରାନ୍ସିସ ଗାଲଟନ୍**

**– ଡ. କମଳାକାନ୍ତ ଜେନା**, ପ୍ରାଧ୍ୟାପକ,
ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗ
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ,
ମୋ : ୯୪୩୯୫୦୧୬୫୧

# ଆ ଇ ନା



ଦୀପ୍ତିରେଖା ରାଉଳ
୬ ବର୍ଷ/ କେନ୍ଦ୍ରାପଡ଼ା

ଶ୍ରୀନିକା ମିଶ୍ର
୪ ବର୍ଷ/ଭୁବନେଶ୍ୱର

